# Akashvani, Sambalpur

## SAMBALPURI NEWS EVENING BULLETIN

## 23 October 2024- 7.02 pm- 7.12 pm.

**********************************************

୧- ସମ୍ଭାବ୍ୟ ବାତ୍ୟା ଦାନା ଆଏବା କାଏଲ୍ ଭିତର୍‌କନିକା - ଧାମ୍‌ରା ଭିତ୍‌ରେ ଭୂଇଁକେ ଛୁଇଁପାରେ ବଲି ଭାରତୀୟ ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ।

- ଇତାର୍ ପ୍ରଭାବ୍‌ଥି ଆଏଜ୍‌ଠାନୁ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ହେଉଛେ ବର୍ଷା ।

୨- ରାଜ୍ୟ କେବିନେଟ୍ ବୈଠକ୍‌ଥି ସୁଭଦ୍ରା ଯୋଜ୍‌ନାର୍ ନିର୍ଦ୍ଦେଶାବଳୀ, ସମୃଦ୍ଧ କୃଷକ୍ ଯୋଜ୍‌ନା ସାଙ୍ଗେ ୬ ଟା ବିଭାଗ୍‌ର ପ୍ରସ୍ତାବ୍‌କେ ମିଲ୍‌ଲା ମଞ୍ଜୁରୀ ।

୩- ସମ୍ଭାବ୍ୟ ବାତ୍ୟା ଲାଗି ଓଡ଼ିଶା ପ୍ରଶାସନିକ ସେବା ପ୍ରିଲିମିନାରୀ ପରୀକ୍ଷାକେ ସ୍ଥଗିତ ରଖ୍‌ଲା ଓପିଏସ୍‌ସି ।

ଆଉର୍

୪- ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷ ଆର୍ ସବୁ ସଦସ୍ୟଙ୍କୁ ପଦ୍‌ନୁ ହଟାଲେ ରାଜ୍ୟ ସର୍‌କାର୍ ।

ବାତ୍ୟା ପ୍ରେସ୍ ରିଲିଜ୍

ସମ୍ଭାବ୍ୟ ବାତ୍ୟା 'ଦାନା'ର ବାହ୍ୟବଳୟ ଭୂଇଁକେ ଛୁଇଁଛେ । ଇଟା ଆଏବା କାଏଲ୍ ଆର୍ ଶୁକ୍ରବାର୍ ସଖାଲ୍ତକ୍ ଭିତର୍କନିକା- ଧାମ୍ରା ଭିତ୍ରେ ଭୂଇଁକେ ଛୁଇଁବା ଆଶଙ୍କା ରହିଛେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ । ଇ ସମିଆଥି ଜବର୍ ବର୍ଷା ହେବାର୍ ସହେତେ ଘଂଟାକ ଶହେ ନୁ ଶହେ ୨୦ କିଲୋମିଟର୍ ବେଗଥି ପବନ୍ ବହିପାରେ । ବାତ୍ୟା ସ୍ଥଲଭାଗ ଅତିକ୍ରମ କର୍ବାର୍ ସମିଆଥି ୨ ନୁ ୩ ମିଟର୍ ଉଚ୍ଚାର ଲହଡ଼ା ମାଡ଼ି ଆସ୍ବାର୍ ସମ୍ଭାବନା ଥିବାର୍ ଶ୍ରୀ ମହାପାତ୍ର କହିଛନ୍ । ଗଲାକାଏଲ୍ ସୃଷ୍ଟି ହେଇଥିବା ଅବପାତ ଆଏଜ୍ ସଖାଲ୍ତକ୍ ସାମୁଦ୍ରିକ ଝଡ଼ଥି ବଦ୍ଲିକରି ପାରାଦ୍ୱୀପ୍ର ଦକ୍ଷିଣ ପୂର୍ବ ଦିଗେ ୪ ଶହ ୬୦ କିଲୋମିଟର୍ ଦୂରେ ରହିଛେ । ସେନ୍ତା ପଶ୍ଚିମବଙ୍ଗ୍ର ସାଗର୍ ଦୀପ୍ ଠାନୁ ୫ ଶହ ୪୦ କିଲୋମିଟର୍ ଦୂରେ ରହେବାର୍ ସହେତେ ଘଂଟାକ ୧୨ କିଲୋମିଟର୍ ବେଗଥି ଓଡ଼ିଶା ଉପକୂଳ ଆଡ଼େ ଗତି କରୁଛେ । ପଛେ ଇଟା ଉତର୍ ପଶ୍ଚିମ ଦିଗ୍କେ ଗତିକରିକରି ଭୀଷଣ ବାତ୍ୟା 'ଦାନା'ର ରୂପ ନେବା ବଲି ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତରଫୁ ପୂର୍ବାନୁମାନ୍ କରାଯାଇଛେ । ସମ୍ଭାବ୍ୟ ବାତ୍ୟାର୍ ପ୍ରଭାବ୍ଥି ଆଏଜ୍ଠାନୁ ଶୁକ୍ରବାର୍ତକ୍ ଭିନ୍

ଭିନ୍ ଜିଲ୍ଲା ନ ଜବର୍ ପବନ୍ ସାଙ୍ଗେ ଅପର୍‌ବଲ୍ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ଆଏଜ୍ ବାଲେଶ୍ୱର୍, ଭଦ୍ରକ୍, ଯାଜ୍‌ପୁର୍, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର୍ ଆର୍ ପୁରୀ ଜିଲ୍ଲା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ଥିବାର୍‌ନୁ ରେଡ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ । ସେଆଡ଼େ ସମ୍ଭାବ୍ୟ ବାତ୍ୟାର୍ ପ୍ରଭାବ୍‌ଥି ରାଜ୍‌ନଗର୍, ଧାମ୍‌ରା ଆର୍ ପରାଦ୍ୱୀପ୍‌ର କିଛି ଇଲାକା ନ ବର୍ଷା ହେଉଛେ । ଆଏବା କାଏଲ୍ ମୟୁର୍‌ଭଞ୍ଜ୍, କଟକ୍, ଯାଜ୍‌ପୁର୍, ବାଲେଶ୍ୱର୍, ଭଦ୍ରକ୍, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର୍ ଆର୍ ଗଞ୍ଜାମ୍ ଜିଲ୍ଲା ନ ଅଏତ୍‌କା ନୁ ଅଏତ୍‌କା ବର୍ଷା ହେଇପାରେ । ଶୁକ୍ରବାର୍ ଦିନ ଭିଲ୍ କେତେ ଜିଲ୍ଲା ନ ବର୍ଷା ହେବାର୍ ଅନୁମାନ୍ କରାଯାଇଛେ । ସମ୍ଭାବ୍ୟ ବାତ୍ୟା ବାବ୍‌ଦେ ପାଣିପାଗ୍ ବିଜ୍ଞାନୀ ଉମାଶଙ୍କର୍ ଦାସ କହିଛନ୍ ଯେ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର୍, ଭଦ୍ରକ୍ ଆର୍ ବାଲେଶ୍ୱର୍ ନ ବାତ୍ୟାର୍ ପ୍ରଭାବ୍ ରହେବା । ସମ୍ଭାବ୍ୟ ବାତ୍ୟାର୍ ଲାଗି ଧାମ୍‌ରା ଆର୍ ପରାଦ୍ୱୀପ୍ ବନ୍ଦର୍‌କେ ୪ ନମ୍ବର୍ ବିପଦ୍ ସଙ୍କେତ ଜାରି ହେଇଥିବାର୍ ବେଲେ ପୁରୀ ଲାଗି ୧୦ ନମ୍ବର୍ ବିପଦ ସଙ୍କେତ ଜାରି କରାଯାଇଛେ ।

ସେଆଡ଼େ ବାତ୍ୟାକେ ନଜର୍‌ଥି ରଖିକରି ପୂର୍ବତଟ ରେଲ୍‌ବାଇ ତର୍‌ଫୁ ଆଏବା ୩ ଦିନ୍ ଲାଗି ୩ ଶହ ୨୦ ନୁ ଅଏତ୍‌କା ଟ୍ରେନ୍‌କେ ବାତିଲ୍ କରାଯାଇଛେ । ସେନ୍ତା ବାତ୍ୟା ଲାଗି ଭିତର୍ କନିକା ଜାତୀୟ ଉଦ୍ୟାନକେ ନୁକ୍‌ସାନ୍ ହେବାର୍ ସମ୍ଭାବନା ଥିବାର୍‌ନୁ ସେନ ବନ କର୍ମଚାରୀମାନ୍‌କୁ ଆଗୁଆ

ପଦକ୍ଷେପ୍ ନେବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ମଗର୍‌ମାନେ ଯେନ୍ତା ବାହାର୍‌କେ ନାଇଁ ଆସ୍‌ବେ ସେ ଦିଗେ ଧ୍ୟାନ୍ ଦେବାର୍‌କେ କୁହାଯାଇଛେ ।

ବାତ୍ୟା- ପଂଚାୟତିରାଜ,ପାନୀୟ ଜଳ ବିଭାଗ୍ ପ୍ରେସ୍ ରିଲିଜ୍

ସମ୍ଭାବ୍ୟ ବାତ୍ୟା 'ଦାନା'ର ମୁକାବିଲା ଆର୍ ପରବର୍ତୀ ପର୍ଯ୍ୟାୟଥି ପୁନରୁଦ୍ଧାର୍ କାମ୍ ଲାଗି ପଂଚାୟତିରାଜ୍ ଆର୍ ପାନୀୟ ଜଳ ବିଭାଗ୍‌ର ପ୍ରସ୍ତୁତି ବୈଠକ୍ ଆଏଜ୍ ହେଇଯାଇଛେ । ବିଭାଗୀୟ ପ୍ରମୁଖ ଶାସନ୍ ସଚିବ ସୁଶୀଲ୍ କୁମାର୍ ଲୋହାନୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ବାତ୍ୟାଥି ପ୍ରଭାବିତ୍ ହେବାର୍‌କେ ଥିବା ୧୪ ଟା ଜିଲ୍ଲାର୍ ବିଡ଼ିଓ ଆର୍ ବିଭାଗୀୟ ଯନ୍ତ୍ରୀମାନେ ଆଭାସୀ ଜରିଏ ସାମିଲ୍ ହେଇଥିଲେ । ଅକ୍ଟୋବର୍ ୨୪ ରାତି ଆର୍ ୨୫ ତାରିଖ୍ ସଖାଲ୍‌ବେଲା ଓଡ଼ିଶାର୍ ସମୁଦ୍ର ଖଁଡ଼ି ଜିଲ୍ଲା ଉପ୍‌ରେ ବାତ୍ୟା ଦାନା ପ୍ରଭାବ୍ ପକାବା ବଲି ଆଶଙ୍କା କରାଯାଉଥିବାର୍‌ନୁ କଂଟ୍ରୋଲ୍ ରୁମ୍ ୨୪ ଘଂଟିଆ କାର୍ଯ୍ୟକ୍ଷମ କର୍‌ବାର୍‌କେ ପ୍ରମୁଖ ଶାସନ୍ ସଚିବ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ପାଇପ୍‌ଥି ପାଏନ୍ ଯୁଗେଇ ଦେବାର୍ ଲାଗି ଜେନେରେଟର୍ ବ୍ୟବସ୍ଥା, ଗୁରୁତ୍ୱପୂର୍ଣ୍ଣ ଜାଗା ନ ପିଭିସି ୱାଟର୍ ଟେଙ୍କ୍ ଥାପ୍‌ନା କରିକରି ସେଥିମାନ୍‌କେ ପାଏନ୍ ମହଜୁଦ୍ ରଖିକରି ସବୁ

ବାତ୍ୟା ଆଶ୍ରୟ ସ୍ଥଲ୍‌ମାନ୍‌କେ ଯୁଗାବାର୍ ଲାଗି ସେ ନିର୍ଦ୍ଦେଶ୍ ଦେଇଛନ୍ ।

ପ୍ରମୁଖ ଶାସନ୍ ସଚିବ-ବାତ୍ୟା- ସମୀକ୍ଷା        ପ୍ରେସ୍ ରିଲିଜ୍

ସମ୍ଭାବ୍ୟ ବାତ୍ୟା ଦାନାକେ ନଜର୍‌ଥି ରଖିକରି ବାଣିଜ୍ୟ ଆଉ ପରିବହନ୍ ବିଭାଗର୍ ପ୍ରମୁଖ ଶାସନ୍ ସଚିବ ଉଷା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ ।    ଦର୍‌କାର୍ ନାଇଁଥିଲେ ସାଧାରଣ୍ ଲୋକ୍‌ମାନେ ରାସ୍ତା ନ ଯେନ୍ତା ଯା'ଆସ୍ ନାଇଁ କର୍‌ବେ ସେଦିଗେ ଧ୍ୟାନ୍ ଦେବାର୍‌କେ ଅଧିକାରୀମାନ୍‌କୁ ଶ୍ରୀମତୀ ପାଢ଼ୀ ବୈଠକ୍‌ଥି ପରାମର୍ଶ ଦେଇଛନ୍ ।

ରାଜ୍ୟ କେବିନେଟ        ପ୍ରେସ୍ ରିଲିଜ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ଆଏଜ୍ ରାଜ୍ୟ କେବିନେଟ୍‌ର ୯ ନମ୍ବର୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି କୃଷି ଆଉ କୃଷକ ସଶକ୍ତିକରଣ୍ ବିଭାଗ୍ ସହେତେ ମୋଟ୍ ୬ ଟା ବିଭାଗ୍‌ର ପ୍ରସ୍ତାବ୍ ପାରିତ୍ ହେଇଛେ । ଇ ବାବ୍‌ଦେ ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା ଗଣମାଧ୍ୟମ୍‌କେ ସୂଚନା ଦେଇକରି

କହିଛନ୍ ଯେ, ସୁଭଦ୍ରା ଯୋଜ୍ନାର୍ ନିର୍ଦ୍ଦେଶାବଲୀଥି ହେଇଥିବା ପରିବର୍ତ୍ତନ୍‌କେ କେବିନେଟ୍ ଅନୁମୋଦନ୍ ଦେଇଛେ । ଇ ଯୋଜ୍ନା ଅଧୀନ୍‌ଥି ମହିଲାମାନ୍‌କୁ ଆର୍ଥିକ୍ ଭାବେ ସଶକ୍ତ କର୍‌ବାର୍ ଆର୍ ସେମାନ୍‌କର୍ ପରିବାର୍‌କେ ଆର୍ଥିକ୍ ସୁରକ୍ଷା ପ୍ରଦାନ୍ କର୍‌ବାର୍ ଲାଗି ସାହାଜ୍ ଟଙ୍କା ଦିଆଯାଉଛେ । ଇ ଯୋଜ୍ନାଥି ୫ ବଛର୍ ଲାଗି ବଜେଟ୍‌ଥି ୫୫ ହଜାର୍ ୮ ଶହ ୨୫ କୋଟି ଟଙ୍କାର ବ୍ୟୟବରାଦ୍ କରାଯାଇଛେ । ସେନ୍ତା ରାଜ୍ୟ ସର୍‌କାର୍ ଚାଷୀମାନ୍‌କର୍ କଲ୍ୟାଣ୍ ଲାଗି ସମୃଦ୍ଧ କୃଷକ୍ ଯୋଜ୍ନା ନାଁଥି ଗୁଟେ କୃଷକ କଲ୍ୟାଣ୍‌କାରୀ ଯୋଜ୍ନା ଲାଗୁ କର୍‌ବାର୍ ଲାଗି କେବିନେଟ୍‌ଥି ମଞ୍ଜୁରୀ ଦେଇଛନ୍ । ଇ ଯୋଜ୍ନାଥି ଓଡ଼ିଶା ସର୍‌କାର୍‌ଙ୍କର୍ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍ ପାଖେ ପଞ୍ଜିକୃତ ଚାଷୀମାନ୍‌କର୍‌ନୁ ସର୍ବନିମ୍ନ ସହାୟକ ମୂଲ୍ୟ-ଏମ୍‌ଏସ୍‌ପି ସାଙ୍ଗେ କ୍ୱିଂଟାଲ୍ ପିଛା ମୋଟ୍ ୩୧ ଶହ ଟଙ୍କାଥି ଧାନ୍ ଘିନାଯିବାର୍ ବ୍ୟବସ୍ଥା କରାଯାଇଛେ ।

ଇତାର୍‌ସହେତେ ଧାନ୍ ଆର୍ ଚାଉଲ୍ ସଂଗ୍ରହ ପରିଚାଲନା ବାବ୍‌ଦେ ସବୁ ପ୍ରକ୍ରିୟାକେ ସୁଚାରୁ ଭାବେ କର୍‌ବାର୍ ଲାଗି 'ଖାଦ୍ୟ ଆଉ ଧାନ୍ ସଂଗ୍ରହଣ୍ ନୀତି -୨୦୨୪-୨୫' ନୀତି କେ କେବିନେଟ୍ ମଞ୍ଜୁରୀ ଦେଇଛେ । ସେନ୍ତା ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ଅଧୀନ୍‌ଥି ରାଜ୍ୟ ସର୍‌କାର୍ ଗୁଟେ ନୂଆଁ ନୀତି ଆନିଛନ୍ । ଯେନ୍‌ଟାକି ରାଏଜେ ବାୟୁ ସଂଯୋଗୀକରଣ୍‌କେ ଉନ୍ନତ କର୍‌ବା । ଇଥିର୍‌ଲାଗି ବିମାନ୍

ସଂସ୍ଥା ମାନେ ଲାଭ୍ ପାଏବେ । ଇ ନୂଆଁ ନୀତି ଭୁବ୍ନେଶ୍ୱର୍ର ବିଜୁ ପଟ୍ଟନାୟକ୍ ଆନ୍ତର୍ଜାତୀୟ ବିମାନ୍ ବନ୍ଦର, ଝାର୍ସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍ଦର୍, ଜୟପୁର୍, ରାଉର୍କେଲା ଆର୍ ଉତ୍କେଲା ବାଗିର୍ ଛୋଟ୍ ବିମାନ୍ ବନ୍ଦର୍ ମାନ୍କେ ନୂଆଁ ଘରୋଇ ଆଉ ଆନ୍ତର୍ଜାତିୟ ବାୟୁମାର୍ଗ ମୁଲ୍ କର୍ବାର୍କେ ଉତ୍ସାହିତ କର୍ବା ।

ଓପିଏସ୍ସି ପରୀକ୍ଷା ସ୍ଥଗିତ ଆର୍ଏନ୍ୟୁ/ କଟକ୍

ସମ୍ଭାବ୍ୟ ବାତ୍ୟାକେ ନଜର୍ଥି ରଖିକରି ଓଡ଼ିଶା ଲୋକସେବା ଆୟୋଗ୍ ଓପିଏସ୍ସି ଦ୍ୱାରା ପରିଚାଲିତ୍ ଓଡ଼ିଶା ପ୍ରଶାସନିକ ସେବା ପ୍ରିଲିମିନାରୀ ପରୀକ୍ଷାକେ ସ୍ଥଗିତ୍ କରାଯାଇଛେ । ଆଏବା ୭ ଦିନ୍ ଭିତ୍ରେ ପରୀକ୍ଷାର୍ ତାରିଖ୍ ଘୋଷ୍ନା କରାଯିବା ବଲି ଓପିଏସ୍ସି ତର୍ଫୁ କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ୨୭ ତାରିଖ୍ଥି ଓପିଏସ୍ସି, ଓସିଏସ୍ ପ୍ରିଲିମିନାରୀ ପରୀକ୍ଷା ଲାଗି ତାରିଖ୍ ଧାରିଜ୍ ହେଇଥିଲା ।

ଓପିଏସ୍ସି ପରୀକ୍ଷା ସ୍ଥଗିତ ଆର୍ଏନ୍ୟୁ/ କଟକ୍

ସମ୍ଭାବ୍ୟ ବାତ୍ୟାକେ ନଜର୍‌ଥି ରଖିକରି ଓଡ଼ିଶା ଲୋକସେବା ଆୟୋଗ୍ ଓପିଏସ୍‌ସି ଦ୍ୱାରା ପରିଚାଲିତ୍ ଓଡ଼ିଶା ପ୍ରଶାସନିକ ସେବା ପ୍ରିଲିମିନାରୀ ପରୀକ୍ଷାକେ ସ୍ଥଗିତ୍ କରାଯାଇଛେ । ଆଏବା ୭ ଦିନ୍ ଭିତ୍‌ରେ ପରୀକ୍ଷାର୍ ତାରିଖ୍ ଘୋଷ୍‌ନା କରାଯିବା ବଲି ଓପିଏସ୍‌ସି ତର୍‌ଫୁ କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ୨୭ ତାରିଖ୍‌ଥି ଓପିଏସ୍‌ସି, ଓସିଏସ୍ ପ୍ରିଲିମିନାରୀ ପରୀକ୍ଷା ଲାଗି ତାରିଖ୍ ଧାରିଜ୍ ହେଇଥିଲା ।

ମହିଲା ଆୟୋଗର ଅଧ୍ୟକ୍ଷ, ସଦସ୍ୟ ପ୍ରେସ୍ ରିଲିଜ୍

ରାଜ୍ୟ ମହିଲା ଆୟୋଗର ଅଧ୍ୟକ୍ଷ ଆର୍ ସବୁ ସଦସ୍ୟ ମାନ୍‌କୁ ତାଙ୍କର୍ ପଦ୍‌ବୀ ନୁ ଆଏଜ୍ ରାଜ୍ୟ ସର୍‌କାର୍ ହଟେଇଛନ୍ । ଇ ବାବ୍‌ଦେ ରାଜ୍ୟ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ବାତ୍ୟା-ସଂଗ୍ରହାଳୟ ବନ୍ଦ୍ ପ୍ରେସ୍ ରିଲିଜ୍

ରାଏଜେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକେ ନଜର୍‌ଥି ରଖିକରି ଆଏବା ୨୪ ଆର୍ ୨୫ ତାରିଖ୍ ଦିନ ରାଜ୍ୟ ସଂଗ୍ରହାଳୟ, ରାଜ୍ୟ ଅଭିଲେଖାଗାର ଆର୍ ହରେକୃଷ୍ଣ ମହତାବ୍ ରାଜ୍ୟ

ଗ୍ରନ୍ଥାଗାର ବନ୍ଦ୍ ରହେବା । ଇତାର୍‌ସହେତେ ଓଡ଼ିଆ ଭାଷା, ସାହିତ୍ୟ, ଆଉ ସଂସ୍କୃତି ବିଭାଗ୍ ଅଧୀନ୍‌ଥି ଥିବା ସବୁ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଆର୍ ବିଦ୍ୟାଳୟମାନ୍‌କୁ ଇ ଦୁହି ଦିନ ବନ୍ଦ୍ ରଖାଯାଇଛେ । ସେନ୍ତା ଭୁବ୍‌ନେଶ୍ୱର୍‌ର ରବୀନ୍ଦ୍ର ମଣ୍ଡପ୍, ଉତ୍କଳ ମଣ୍ଡପ୍ ଆର୍ ଭଞ୍ଜ କଳା ମଣ୍ଡପ୍‌କେ ଇ ଦୁହି ଦିନ ବନ୍ଦ୍ ରଖାଯାଇଛେ ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ନନ୍ଦନ୍‌କାନନ ବନ୍ଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ନନ୍ଦନ୍‌କାନନ୍ ପ୍ରାଣୀ ଉଦ୍ୟାନ୍ ଆର୍ ରାଜ୍ୟ ଉଦ୍ଭିଦ ଉଦ୍ୟାନ ସର୍ବସାଧାରଣଙ୍କର୍ ଲାଗି ଆଏବା ୨୪ ଆର୍ ୨୫ ତାରିଖ୍ ୨ ଦିନ୍ ବନ୍ଦ୍ ରହେବା । ବଙ୍ଗୋପ୍‌ସାଗର୍ ନ ହେବାର୍‌କେ ଥିବା ସମ୍ଭାବ୍ୟ ବାତ୍ୟା ‘ଦାନା’କେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆଯାଇଛେ ।

ମହିଳା ନକ୍ସଲ୍- ଆତ୍ମସମର୍ପଣ୍ କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ପୁଲିସ୍ ମୁଖ୍ୟାଳୟ ଠାନେ ଆଏଜ୍ ଦକ୍ଷିଣ ପଶ୍ଚିମାଂଚଲ୍ ଡିଆଇଜି ନୀତିଶେଖର୍ ଆର୍ କଳାହାଣ୍ଡି ଏସ୍.ପି. ଅଭିଲାଷ୍ ଜି. ଙ୍କର୍ ଉପସ୍ଥିତିଥି ଝନେ ମହିଳା

ନକ୍ସଲ୍ ଆତ୍ମସମର୍ପଣ୍ କରିଛନ୍ । ସି.ପି.ଆଇ. କେଡ଼ରର୍ କେ.କେ.ବି.ଏନ୍. ମାଓ ସଂଗଠନ୍‌ର ସେ ୫ନେ ସକ୍ରିୟ ସଦସ୍ୟ ବଲି ପୁଲିସ୍ ତର୍‌ଫୁ ଜନାପଡ଼ିଛେ ।

ପ୍ରବାସୀ ଶ୍ରମିକ ପ୍ରଥା ଉଚ୍ଛେଦ    ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ଠାନେ ପ୍ରବାସୀ ଶ୍ରମିକ ପ୍ରଥା ଉଚ୍ଛେଦ ନେଇକରି ଗୁଟେ ବୈଠକ୍ ଆଏଜ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ ଜିଲ୍ଲାବାସୀଙ୍କୁ ଉଦ୍‌ବୋଧନ୍ ଦେଇକରି ସବୁ ବିଭାଗ୍‌ର ସମ୍ମିଲିତ୍ ଉଦ୍ୟମ୍‌ଥି ପ୍ରବାସୀ ଶ୍ରମିକ୍ ପ୍ରଥା ପୁରାପୁରି ଭାବେ ଉଚ୍ଛେଦ ହେବା ବଲି କହିଥିଲେ । ଜିଲ୍ଲା ଶ୍ରମ ବିଭାଗ୍ ତର୍‌ଫୁ ଡକାଯାଇଥିବାର୍ ଆଝିର୍ ବୈଠକ୍‌ଥି ଜିଲ୍ଲା ମୁଖ୍ୟ ଉନ୍ନୟନ୍ ଅଧିକାରୀ, ବନଖଣ୍ଡ ଅଧିକାରୀ, ସବୁ ବିଡ଼ିଓ ଆଉ ଅଲ୍‌ଗା ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଗଜଲକ୍ଷ୍ମୀ ପୂଜା    ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ସହରର୍ ବୁଟୁପାଲି ଗଜଲକ୍ଷ୍ମୀ ପୂଜା ମଣ୍ଡପ୍ ନ ଦୀପାବଲୀ ଉତ୍ସବ୍ ହେଇଯାଇଛେ । ପୂଜାମଣ୍ଡପ୍ ନୁ ନେଇକରି ଗାଁର୍ ସବୁଆଡ଼େ ଲଖେ ୮ ଦୀପ୍ ଜଲିଥିଲା । ବୁଟୁପାଲି ଗଜଲକ୍ଷ୍ମୀ

ପୂଜା କମିଟି ତର୍ଫୁ ଗଲା ପୁନି ଦିନୁ ମା ଲକ୍ଷ୍ମୀଙ୍କର୍ ପୂଜା ପାଲିତ୍ ହେଇଆସୁଛେ । ସବୁ ବଛର୍ ବାଗିର୍ ଇ ବଛର୍ ଭିଲ୍ ପୂଜା କମିଟି ତର୍ଫୁ ରଙ୍ଗାରଙ୍ଗ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ର ଆୟୋଜନ୍ କରାଯାଉଛେ ।

ସୈରିନ୍ଧ୍ରୀ ନାଏକ୍ ଫୁଟ୍ବଲ୍ ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ଜିଲ୍ଲା ବର୍ଷିଆନ୍ କ୍ରୀଡ଼ା ସଂଘ ତର୍ଫୁ ସିଂପାଲି କିଷାନ୍ କ୍ଲବ୍ ଫୁଟ୍ବଲ୍ ପଡ଼ିଆ ନ ଚାଲିଥିବା ୨୫ ନମ୍ବର୍ ସୈରୀନ୍ଧ୍ରୀ ନାଏକ୍ ଟ୍ରଫି ହାଇସ୍କୁଲ୍ ସ୍ତରୀୟ ଫୁଟ୍ବଲ୍ ଟୁର୍ଣ୍ଣାମେଂଟ୍ର ଆଝିର୍ ଖେଲ୍ଥି ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ୍ ଦଲ୍ ୫/ଶୂନ୍ ଗୋଲ୍ଥି ବୁଢ଼ାରଜା ହାଇସ୍କୁଲ୍ ଦଲ୍କେ ହରେଇଛେ । ଆଉ ଗୁଟେ ଖେଲ୍ଥି ସେଭେନ୍ହିଲସ୍ ସ୍କୁଲ୍ ୧/ଶୂନ୍ ଗୋଲ୍ଥି ମଦନାବତୀ ସ୍କୁଲ୍କେ ହରେଇଥିଲା । ଇ ଟୁର୍ଣ୍ଣାମେଂଟ୍ ଆଏବା ୨୯ ତାରିଖ୍ତକ୍ ଚାଲ୍ବା ।

ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍ କାର୍ଯ୍ୟକ୍ରମ୍ ଆର୍ଏନ୍ୟୁ/ କଟକ୍

ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍ କାର୍ଯ୍ୟକ୍ରମ୍ ଅଧୀନ୍ଥି ଶିକ୍ଷା ମନ୍ତ୍ରଣାଲୟ ଦ୍ୱାରା ଯୁବସଂଗମ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ ।

ଇତାର୍  ୫ ନମ୍ବର୍ ଖେପ୍ ଲାଗି ଅନ୍ଲାଇନ୍ଥି ପଞ୍ଜିକରଣ୍ ହେଉଛେ । ପଞ୍ଜିକରଣ୍ ସମିଆ ୨୫ ତାରିଖ୍ତକ୍ ବଢ଼ାଯାଇଛେ । ୧୮ ନୁ ୩୦ ବଛର୍ ବୟସର୍ ଆଗ୍ରହୀ ପ୍ରାର୍ଥୀମାନେ ଇଥି ନାଁ ପଞ୍ଜିକରଣ୍ କରିପାର୍ବେ । ଇ କାର୍ଯ୍ୟକ୍ରମ୍ ଲାଗି ୨୦ ଟା ରାଜ୍ୟକେ ବଛାଯାଇଛେ ।